## ସଂକ୍ଷେପରେ

### ୧୯ ପରିବାର ଏବେ ଜଳବନ୍ଦୀ

ବାହାନଗା,୧୧।୧୧(ଡି.ଏନ.ଏ.): ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ହୋଇଥିବା ବର୍ଷାପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକର କଲ୍ୟାଣୀ ପଞ୍ଚାୟତ ସେଠୀ ସାହିର ୧୯ ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ୨ ପରିବାର ଙ୍କ ଘର ଭାଙ୍ଗିପଡିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନୂଆ କରି ନିର୍ମାଣ ହେବା ପରେ ଜଳନିଷ୍କାସନ ସମସ୍ୟା ମୁଣ୍ଡ ଟେକିଥିବା ସଂପୃକ୍ତ ପରିବାର ଅଭିଯୋଗ କରି ସୋମବାର ବାହାନଗା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଳ ନିଷ୍କାସନ ହେଉଥିବା ସ୍ଥାନରେ ଏକ ପୋଖରୀ ଖୋଳାଯିବାରୁ ଏହା ସମସ୍ୟାକୁ ଅଧିକ ଜଟିଳ କରିଛି। ଏଥିଲାଗି କଲ୍ୟାଣି ପଞ୍ଚାୟତର ୬ ନମ୍ବର ୱାର୍ଡର ସେଠୀସାହିର ରହିଥିବା ପ୍ରଦୀପ୍ କୁମାର ଯେନା , ନାରାୟଣ ସେଠୀ, ନିଶାମଣୀ ସେଠୀ, ପ୍ରହଲ୍ଲାଦ ଯେନା, ରବୀନ୍ଦ୍ର ସେଠୀ, ପ୍ରମୋଦ କୁମାର ଯେନା, ମହେନ୍ଦ୍ର ସେଠୀ, ପ୍ରଶାନ୍ତ ଯେନା ହରେନ୍ଦ୍ର ସେଠୀ,ନରେନ୍ଦ୍ର ସେଠୀ, ଉମାକାନ୍ତ ସେଠୀ ପ୍ରମୁଖ ପରିବାରଙ୍କ ଘର ବର୍ତ୍ତମାନ ପାଣିଘେରରେ ରହିଛି।

### ପକ୍କା ୱାଲ ଭୁଶୁଡିବା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ବାହାନଗା,୧୧।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିଓଳ ପଞ୍ଚାୟତର ପାଟିମୁଣ୍ଡା ଗ୍ରାମ ନିକଟସ୍ଥ ବାଲିଗୋହିରୀ ନିକଟ ରାସ୍ତା କଡରେ କାଂଶବାଂଶ ନଦୀକୁ ଲାଗି ପକ୍କା ୱାଲ ଓ ପଥର ପ୍ୟାକିଂ କାମ ହେବାର ଦୁଇମାସ ନ ବିତୁଣୁ ବୁଲ୍ ବୁଲ୍ ଲଘୁଚାପ ବର୍ଷା ମାଡରେ ତାହା ଭୁଶୁଡିପଡିଛି। ଏଥିନେଇ ପାଟିମୁଣ୍ଡା, ବାଙ୍କେଶ୍ୱରପୁର, ପାଳସାହି,ଫତେପୁର ଗ୍ରାମର ବାସିନ୍ଦା ସୋର ବିଧାୟକ ପର୍ଶୁରାମ ଧଡାଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ସୋମବାର ଘଟଣା ସ୍ଥଳକୁ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷେ ୨୦୧୫ ରୁ ଏହି ରାସ୍ତା ର ନଦୀ କଡରେ ୱାଲ ବନ୍ଧ ଓ ପଥର ପ୍ୟାକିଂ କାମ ଆରମ୍ଭ ହୋଇଥିଲେ ବି ଆଜିପର୍ଯ୍ୟନ୍ତି ସରିପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବାବଦରେ ସୋର ଆରଡି ବିଭାଗର କନିଷ୍ଠ ଯନ୍ତ୍ରୀ ଖଗେନ୍ଦ୍ର ଭଦ୍ରଙ୍କୁ ପଚାରିବାରୁ ସେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ସଜନାଗଡ଼,୧୧।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତର କୁଞ୍ଜିବଣିଆ ଗ୍ରାମର ଜଣୈକା ମହିଳା ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ମାମା ସିଂ ନାମ୍ନୀ ଏହି ମହିଳା ସୋମବାର ନିଜ ଘରବାଡ଼ିରେ ଛେଳି ଚରାଉଥିବାବେଳେ ହଠାତ୍ ଏକ ଭାଲୁ ଆସି ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ଡାହାଣ ହାତରେ କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ନୀଳଗିରି ମେଡିକାଲକୁ ନେଇଯାଇଥିଲେ। ମାମା ସିଂ ଗରିବ ହୋଇଥିବାରୁ ଦିନ ମଜୁରି ଲାଗି ଚଳୁଥିଲେ। ନୀଳଗିରି ବନ ବିଭାଗ ଘଟଣାକୁ ଗୁରୁତ୍ୱ ଦେଇ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଲେଶ୍ୱର ଜିଲାରେ ବୁଲ୍‌ବୁଲ୍ ପ୍ରଭାବ

# ୩୫ହଜାର ହେକ୍ଟର ଜମିର ଫସଲ ଉଜୁଡିଛି

ବାଲେଶ୍ୱର ଅଫିସ/ସିମୁଳିଆ/ଜଳେଶ୍ୱର/ରେମୁଣା, ୧୧।୧୧(ଡି.ଏନ.ଏ.)

### ଦୁଇଦିନ ଭିତରେ ମିଳିତ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ


ପାଣିରେ ବୁଡ଼ି ରହିଥିବା ଚାଷ ଜମି।

ବାତ୍ୟା 'ବୁଲ୍‌ବୁଲ୍' ପ୍ରଭାବରେ ବାଲେଶ୍ୱର ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ୧୦ଟି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନ ଓ ପନିପରିବା ଚାଷ, ଘରଭଙ୍ଗା, ପାନୀୟଜଳର ଅବ୍ୟବସ୍ଥା, ବିଦ୍ୟୁତ୍ ସରବରାହ, ରାସ୍ତାଘାଟରେ ଉପୁଜିଥିବା ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ପାଇଁ ପ୍ରଶାସନ ତତ୍ପରତା ଦେଖାଇ କ୍ଷୟକ୍ଷତିର ଆକଳନ ଚଳାଇଛି। ଦୁଇଦିନ ଭିତରେ ଚୂଡାନ୍ତ ମିଳିତ ତଦନ୍ତ ରିପୋର୍ଟ ଦେବାସକାଶେ ପ୍ରତି ବ୍ଲକର ବିଡିଓ, ତହସିଲଦାର ଓ କୃଷି ବିଭାଗର କର୍ମଚାରୀଙ୍କୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ ମୋଟ୍ ୧ଲକ୍ଷ ୯୨ହଜାର ହେକ୍ଟର ଚାଷ ଜମିରେ ଖରିଫ୍ ଚାଷ ହୋଇଥିବାବେଳେ ବାତ୍ୟାରେ ୩୫ହଜାର ହେକ୍ଟର ଚାଷ ଜମିରେ ପାଣି ମାଡ଼ି ନଷ୍ଟ ହେବାର ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ଜିଲାରେ ୪୫୮ଟି ଘର ଭାଙ୍ଗିଥିବାର ରିପୋର୍ଟ ମିଳିଛି। ଏଥିସହିତ ଗଛ ଭାଙ୍ଗି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିବାବେଳେ ବିଭାଗୀୟ ତରଫରୁ ପ୍ରାୟ ୯୦ପ୍ରତିଶତ କାର୍ଯ୍ୟକୁ ସମ୍ପାଦନ ସରିଥିବା ଜଣାପଡ଼ିଛି। ବାତ୍ୟାରେ ଗୃହପାଳିତ ପ୍ରାଣୀଙ୍କର କୌଣସି କ୍ଷତି ହୋଇ ନ ଥିବାର ପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ଜିଲା କୃଷି ନିର୍ଦ୍ଦେଶକ କୈଳାସ ପରିଡ଼ା କହନ୍ତି, ବାତ୍ୟାରେ ଖରିଫ୍ ଏବଂ ରବି ଫସଲରେ ଘଟିଥିବା କ୍ଷୟକ୍ଷତର ସଠିକ୍ ଆକଳନ କରାଯାଇ ପାରି ନାହିଁ। ଆସନ୍ତା ୨ଦିନ ଭିତରେ ମିଳିତ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କ ଠାରେ ଦାଖଲ କରାଯିବ।

ସିମୁଳିଆ ବ୍ଲକରେ ପୁରୁଷୋତ୍ତମପୁର, ମଇତାପୁର, ବଙ୍ଗାଳପୁର, ତାଲୁଣିଗାଁ, ଶ୍ରୀକୋଣା, ଅଡ଼ା, ବାଟି ସମେତ ୨୨ଟି ପଞ୍ଚାୟତରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ବ୍ଲକରେ ୧୩,୭୪୩ ହେକ୍ଟର ଜମିରେ ଧାନ ଚାଷ ଓ ୨୫୦ ହେକ୍ଟରେ ଜମିରେ ଅଣଧାନ ମୋଟ୍ ୧୩,୯୯୩ ହେକ୍ଟର ଜମିରେ ଚାଷ ହୋଇଥିଲା। ସେଥିମଧ୍ୟରୁ ୭,୧୫୦ ହେକ୍ଟର ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଛି। ଅବଶିଷ୍ଟ ୪,୮୫୦ ହେକ୍ଟର ଜମିରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ସୁଦ୍ଧା ବିଭାଗୀୟ ଆକଳନ ଅନୁସାରେ ମୋଟ୍ ୩୩% ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବାର ଜିଲା କୃଷି ଅଧିକାରୀ ଗୁରେନ୍ଦ୍ର ନାଥ ସିଂ ପ୍ରାଥମିକ ତଦନ୍ତ ପରେ ପ୍ରକାଶ କରିଛନ୍ତି।

ଜଳେଶ୍ୱର ଅଞ୍ଚଳରେ ଚଳିତବର୍ଷ ୧୯୭୮୦ ହେକ୍ଟର ଜମି ଖରିଫ ଧାନଚାଷ ହୋଇଥିବାବେଳେ ୪୩୫୯ ହେକ୍ଟର ଜମିର ଧାନଗଛ ପାଣିରେ ବୁଡ଼ି ରହିଛି। ବର୍ଷା ଓ ପାଣିଜମି ରହିବା ଫଳରେ ୩୩ରୁ ୫୦ ଭାଗ ମଧ୍ୟରେ ୬୫୧୬ ହେକ୍ଟର ଜମି କ୍ଷତି ହୋଇଛି। ଏହାବ୍ୟତିତ ୨୧୯୦ହେକ୍ଟର ଜମିରେ ହୋଇଥିବା ପରିବା ଚାଷ ମଧ କ୍ଷତି ହୋଇଥିବାର ପ୍ରାଥମିକ ତଦନ୍ତରୁ ସହକାରୀ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ମହାନ୍ତି କହିଛନ୍ତି।

ରେମୁଣା ବ୍ଲକର ୨୭୫୦ ହେକ୍ଟର ଧାନ ଜମିରେ ପାଣି ବୁଡି କ୍ଷତିଗ୍ରସ୍ତ ହୋଇଛି। ଜମିରେ ଥିବା ପାଣି ନ ଛାଡ଼ିଲେ ଧାନ ଅମଳ ପ୍ରଭାବିତ ହେବ ବୋଲି କୃଷି ବିଭାଗ ଆଶଙ୍କା ପ୍ରକାଶ କରିଛି। ପ୍ରାୟ ୪୦ ପ୍ରତିଶତ ଚାଷ ଏକପ୍ରକାର ଉଜୁଡ଼ି ଯିବାର ସମ୍ଭାବନା ଥିବା କୃଷି ଅଧିକାରୀ ଆକଳନ କରିଛନ୍ତି। ସେହିପରି ପନିପରିବା ଏବଂ ଫଳ ଚାଷ ମଧ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଶାଗ, ବାଇଗଣ, ବିଲାତି ବାଇଗଣ, ଫୁଲ ଓ ବନ୍ଧାକୋବି ଆଦି ଗଛ ମାଟିରେ ପଡ଼ି ବାଲିଚରା ହୋଇଯାଇଛି ତ ଅନ୍ୟ କେଉଁଠି ଗଛ ମୂଳେ ପାଣି ଜମି ରହିଛି। କଦଳୀ ଏବଂ ଅମୃତଭଣ୍ଡା ଚାଷ ମଧ ନଷ୍ଟ ହୋଇଛି। ପ୍ରାୟ ୨ଶହ ହେକ୍ଟର ଜମିରେ ଫଳ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସବିଶେଷ ଅନୁଧ୍ୟାନ ପରେ ପ୍ରକୃତ କ୍ଷୟକ୍ଷତି ଜଣା ପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


''ଆ.କା.ମା.ବୈ'' ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# 'ପରମ୍ପରାକୁ ଉଜ୍ଜୀବିତ ରଖି ଆତ୍ମନିର୍ଭରଶୀଳ ହୁଅ'

### ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଯୁବ ସମାଜକୁ ଆହ୍ୱାନ

ବାଲେଶ୍ୱର ଅଫିସ,୧୧।୧୧

ବାଲେଶ୍ୱର ଭୋଇସାହି ସ୍ଥିତ ''ଆ.କା.ମା.ବୈ'' ଉତ୍ସବର ୧୦ମ ବାର୍ଷିକ ସମାରୋହ ରବିବାର ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦିନ ଥିଲା ଓଡ଼ିଆ ଯୁବକମାନେ ଜାଭା, ସୁମିତ୍ରା ଭଳି ଦେଶକୁ ଯାଇ ଓଡ଼ିଶାର ଉତ୍ପନ୍ନ ହେଉଥିବା ଦ୍ରବ୍ୟକୁ ବିକ୍ରି କରି ବିପୁଳ ପରିମାଣର ଧନସମ୍ପତ୍ତି ଦେଶକୁ ଆଣୁଥିଲେ। ଏହି ପରମ୍ପରାକୁ ଉଦ୍‌ଜୀବିତ ରଖିବା ପାଇଁ ସେ ଯୁବ ସମାଜକୁ ଆହ୍ୱାନ କରିଥିଲେ। ଶିକ୍ଷିତ ଯୁବକମାନେ ଚାକିରି ପଛରେ ନ ଗୋଡ଼ାଇ ନିଜେ ନିଯୁକ୍ତିର ପନ୍ଥା ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଅନୁଷ୍ଠାନର ସଭାପତି ଅଭିଜିତ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ବିକାଶ କୁମାର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ସଦର ବିଧାୟକ ମଦନ ମୋହନ ଦତ୍ତ ଓ ସମ୍ମାନିତ ଅତିଥି ଭାବେ ୨୭ନଂ. ଜିଲାପରିଷଦ ସଭ୍ୟ ସୁଧାଂଶୁ ଶେଖର ପଣ୍ଡା, ସମାଜସେବୀ ବିଭୁପଦ ଦାସ, ଉମାକାନ୍ତ ମହାପାତ୍ର, କ୍ରିଷ୍ଣା ଦାସ, କାକଳୀ ନାୟକ ପ୍ରମୁଖ ଯୋଗଦେଇ 'ଆ.କା.ମା.ବୈ'ର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦର ସ୍ୱାସ୍ଥ୍ୟ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜୋନ୍‌ସ୍ତରୀୟ କଳା ଉତ୍ସବ

# ଭାଗ ନେଲେ ୫ ଜିଲାର ଛାତ୍ରୀଛାତ୍ର ଓ ଗାଇଡ୍ ଶିକ୍ଷକ


ଜୋନ୍‌ସ୍ତରୀୟ କଳା ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ,୧୧।୧୧

ବାଲେଶ୍ୱର ସହର ସ୍ଥିତ ମିଶନ ବାଳିକା ବିଦ୍ୟାଳୟ ପରିସରରେ ଜୋନ୍‌ସ୍ତରୀୟ କଳା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୋଳ ଆଦି ୫ ଜିଲାର ଛାତ୍ରୀଛାତ୍ର ଓ ଗାଇଡ୍ ଶିକ୍ଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ, ଯନ୍ତ୍ରସଙ୍ଗୀତ, କଣ୍ଠସଙ୍ଗୀତ ଓ ନୃତ୍ୟ ବିଷୟରେ ବାଳିକା ଓ ବାଳକ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଓପି ଜିନ୍ଦଲ ସ୍କୁଲ, ଅନୁଗୋଳର ଆକୃତି ପାଠକ ଓ ରମାକାନ୍ତ ପାଣ୍ଡେ କଣ୍ଠସଙ୍ଗୀତରେ, ସୋହମ ସାହୁ ଓ ଅଭିଶ୍ରେୟା ପଟ୍ଟନାୟକ ଯନ୍ତ୍ର ସଙ୍ଗୀତରେ, ସୁମୁଲ ଫାତିମା ଚିତ୍ରାଙ୍କନରେ ଏବଂ ଅନ୍ୱେଷା କିରଣ ନୃତ୍ୟରେ, ମହତାବ ହାଇସ୍କୁଲ ଅନୁଗୁଳର କୃଷ୍ଣା କାବେରୀ ଚିତ୍ରାଙ୍କନରେ, ଆଦର୍ଶ ବିଦ୍ୟାଳୟ, ହରିଚନ୍ଦନପୁର କେଉଁଝରର ଶୁଭମ୍ କୁମାର ସାହୁ ନୃତ୍ୟରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ।

ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଚିତ୍ରଶିଳ୍ପୀ କେଶୁ ଦାସ ଓ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇଥିଲେ। ଜିଲା ବିଜ୍ଞାନ ସଂଯୋଜକ କୃଷ୍ଣମୋହନ ସିଂହ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମିଶନ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ହିରଣ୍ମୟ ମହାପାତ୍ର, ଗୋପାଳ ଚନ୍ଦ୍ର ଶିଅଳ, ଇନ୍ଦ୍ରଜିତ ପାତ୍ର ଓ କୌଶିକ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଞ୍ଜନ ଚାନ୍ଦଙ୍କ ପରିଚାଳନାରେ ଆୟୋଜିତ ସଭାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଦାସ ଓ ଶ୍ରୀ ପଟ୍ଟନାୟକଙ୍କ ସହିତ ପ୍ରମୋଦ କୁମାର ଦାସ, ମନୋରଞ୍ଜନ ପଣ୍ଡା, ସନ୍ତୋଷ ମହାରଣା, ବସନ୍ତ କୁମାର ଦାସ, ମନୋରଞ୍ଜନ ପଣ୍ଡା, ସନ୍ତୋଷ ମହାରଣା, ବସନ୍ତ କୁମାର ଭୋଇ ଓ ଅଭିଲିପ୍ସା ସାହୁ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ସଜନାଗଡ଼,୧୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଧୋବଶିଳା ପଞ୍ଚାୟତ ୧୧ ନଂ ୱାର୍ଡ଼ରେ ଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ସାମବାର ପୂର୍ବାହ୍ନ ସାଢେ ୭ଟା ସମୟରେ ଏହି କେନ୍ଦ୍ର ଭିତରୁ ଧୂଆଁ ବାହାରିବା ଦେଖାଯାଇଥିଲା। ସମସ୍ତ ଗ୍ରାମବାସୀ ଏକଜୁଟ୍ ହୋଇ ନୀଳଗିରି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଦମକଳ ଗାଡ଼ି ପହଞ୍ଚିବା ବେଳକୁ ସମସ୍ତ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଘଟଣାସ୍ଥଳରେ ନୀଳଗିରି ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏହି ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିବାରୁ ଏହା ବନ୍ଦ ହୋଇ ରହିଥିଲା। ସେଠାରେ ଦୁଇଟି ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଛୋଟ ଛୋଟ ପିଲାଙ୍କୁ ନେଇ ଅଙ୍ଗନୱାଡି କର୍ମୀ ଅନ୍ୟତ୍ର ପାଠ ପଢ଼ାଉଥିଲେ ବୋଲି ପୋଲିସ କହିଛି।


ରେମୁଣା ଯୁବ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ।

# 'ଆମ ସଂସ୍କୃତି ଓ ପରମ୍ପରା ମହାନ'

## ରେମୁଣା ଯୁବ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ

ରେମୁଣା,୧୧।୧୧(ଡି.ଏନ.ଏ.)

ପରମ୍ପରା ଓ ସଂସ୍କୃତି ଓଡ଼ିଆ ଜାତିର ପରିଚୟ। ଏହାକୁ ବଞ୍ଚାଇ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ରେମୁଣା ଯୁବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବୋଇତବନ୍ଦାଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ରବିବାର ସନ୍ଧ୍ୟାରେ ମନ୍ଦିରଛକ ଠାରେ ପରିଷଦର ସଭାପତି ସରୋଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ମୁଖ୍ୟ କବି କାଳୀପଦ ପଣ୍ଡା, ମୁଖ୍ୟଅତିଥି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ମୁଖ୍ୟବକ୍ତା ଭାବେ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଏବଂ ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ଡ. ନରୋତ୍ତମ ପରିଡ଼ା, ଯୁବନେତା ଅରୁଣ ଯେନା, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଗୋଲକ ନାରାୟଣ ନାଥ, ଉପସଭାପତି କରୁଣାକର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରିଷଦର ସାଧାରଣ ସମ୍ପାଦକ କୃଷ୍ଣମୋହନ ବେହେରା ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଅତିଥିଙ୍କ ପରିଚୟ ଦେଇଥିଲେ। ଛାତ୍ରୀ ଭାଗ୍ୟଶ୍ରୀ ପଣ୍ଡା ଗୀତା ପାଠ କରିଥିଲେ। ଶୁଭମ୍ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ବନମାଳୀ ଜେନା ଓ ସାଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମର ମୂଳ ଉଦ୍ୟୋକ୍ତା ସ୍ୱର୍ଗତ ସୁଶାନ୍ତ ବରାଳଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଭଜନ ସନ୍ଧ୍ୟା ଓ ମେଲୋଡ଼ି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଉପଦେଷ୍ଟା ବିଧାନ ଚନ୍ଦ୍ର ରାୟ, ହିଟଲର ଚୌଧୁରୀ, ନିରଞ୍ଜନ ବେହେରା, କାହ୍ନୁଚରଣ ବେହେରା, ଶିବଶଙ୍କର ରାୟ, କରୁଣାକର ଜେନା, ଚିନ୍ମୟ ବେହେରା, ମିନତି ପାତ୍ର, ଲିପ୍ସା ପ୍ରିୟଦର୍ଶିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପିପିଲି ସାହାବନ୍ଦର ଉତ୍ସବ ଉଦ୍‌ଘାଟିତ



ପିପିଲି ସାହାବନ୍ଦର ଉତ୍ସବ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ।

ଭୋଗରାଇ,୧୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ନିକଟସ୍ଥ ସୁବର୍ଣ୍ଣରେଖା ନଦୀ ମୁହାଣରେ ଏକଦା ଗଢିଉଠିଥିଲା ପିପିଲି ସାହାବନ୍ଦର। ଏହାର ସ୍ଥିତି ଆଜି ସମୁଦ୍ର ଗର୍ଭରେ ହଜି ଯାଇଛି। ଉତ୍କଳୀୟ ଐତିହ୍ୟ ଓ ପରମ୍ପରାର ଗୌରବମୟ ଗାଥାକୁ ପ୍ରତିବର୍ଷ ମନେ ପକାଇ ପାଳିତ ହେଉଛି 'ପିପିଲିସାହାବନ୍ଦର ଉତ୍ସବ'। ଆଗରୁ ସାତଦରିଆ ପାରି ହୋଇ ଉତ୍କଳୀୟ ବଣିକମାନେ ବାଣିଜ୍ୟ କରି ଆସୁଥିଲେ। ସେହିପରି ପର୍ତ୍ତୁଗୀଜ, ମୋଗଲ ଓ ଇଂରେଜ ବଣିକମାନେ ଜଳପଥ ଦେଇ ବାଲେଶ୍ୱର ଆସିଥିଲେ। ଏସବୁ ସ୍ମୃତି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତି ବିଶ୍ୱଭ୍ରାତୃତ୍ୱ ବନ୍ଧନର ବାର୍ତ୍ତାବହ ବୋଲି ରବିବାର ସନ୍ଧ୍ୟାରେ ଆରୁହାବୃତ୍ତି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସ୍ତମ୍ଭକାର ସତ୍ୟଶିବ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସାରସ୍ୱତ ସାଧକ ଶକ୍ତିଧର ଦାସ, ସମିତି ସଦସ୍ୟା ଗୌରୀ ଖିଲାର, କବି ସୁକୁମାର ଦାସ, ଶଶାଙ୍କ ଶେଖର ଦାସ, ସାମାଜିକକର୍ମୀ ମୁରଲୀ ମୋହନ ପଟ୍ଟନାୟକ, ଯୋଗେନ୍ଦ୍ର ନାଥ ପାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ବୟୋଜ୍ୟେଷ୍ଠା ମହିଳା ଜାନକୀ ଦାସ। ପରେ ଭୁବନେଶ୍ୱର ନୃତ୍ୟଶାଳା, ଶ୍ରଦ୍ଧା ଡ୍ୟାନ୍ସ ଗ୍ରୁପ୍ ଓ ରୟାଲ ଚ୍ୟାଲଞ୍ଜ ଅର୍କେଷ୍ଟ୍ରା ଦର୍ଶକଙ୍କୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବାନ୍ଧିରଖିଥିଲା।




### ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ଏବଂ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ଦୁଲା, ଶୁଭଶ୍ରୀ, ଅଭି ଓ ଯମୁନା ଚାମ୍ପିୟନ

ବାଲେଶ୍ୱର ଅଫିସ,୧୧।୧୧


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।


ପ୍ରତିଯୋଗୀଙ୍କ ମାର୍ଚ୍ଚପାଷ୍ଟ।

ବାଲେଶ୍ୱର ଖ୍ରୀଷ୍ଟିଆନ୍ ହାଇସ୍କୁଲ ଖେଳ ପଡ଼ିଆରେ ସୋମବାର ଅପରାହ୍ନରେ ୬୫ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଦୌଡ଼କୁଦ (ଆଥ୍‌ଲେଟିକ୍ସ) ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଷ୍ଟେଟ୍ ସ୍କୁଲ୍‌ସ ସ୍ପୋର୍ଟସ ଆସୋସିଏଶନ୍, ଭୁବନେଶ୍ୱର ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଏବଂ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଦ୍ୱାରା ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ ସସ୍ମିତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ଦୌଡ଼କୁଦ ସଂଗଠନର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଯୋଗଦେଇଥିଲେ। ଆଥ୍‌ଲେଟିକ୍ସରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ମାଲକାନଗିରି ଜିଲାର ଦୁଲା ମାରାଣ୍ଡି ଓ ବାଳିକା ବିଭାଗରେ ଭୁବନେଶ୍ୱରର ଶୁଭଶ୍ରୀ ପରିଡ଼ା ଏବଂ ୧୭ ବର୍ଷରୁ କମ୍ ବାଳକ ବିଭାଗରେ କନ୍ଧମାଳ ଜିଲାର ଅଭି ଶୀଶା ଓ ବାଳିକା ବିଭାଗରେ ଭୁବନେଶ୍ୱରର ଯମୁନା ଗୁଡୁ ଚାମ୍ପିୟନ୍ ହୋଇଛନ୍ତି। ସଫ୍ଟବଲ୍‌ରେ ଉଭୟ ବାଳିକା ଓ ବାଳକ ବିଭାଗରେ ଭୁବନେଶ୍ୱର ଦଳ ଚାମ୍ପିୟନ୍ ହୋଇଥିବାବେଳେ ଉଭୟ ବାଳିକା ଓ ବାଳକ ବିଭାଗରେ ସୁନ୍ଦରଗଡ଼ ଦଳ ରନର୍ସଅପ୍ ହୋଇଛି। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଅଶୋକ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହର୍ଷି ବିଦ୍ୟାଳୟର ଛାତ୍ରୀଛାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ପରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟ ନାରାୟଣ ଗୁରୁ, କୈଳାସ ଚନ୍ଦ୍ର ପ୍ରଧାନ, ଜ୍ୟୋତି ପ୍ରସାଦ ପରିଡ଼ା, ସୌଦାମିନୀ ଦାସ, ଗଣେଶ୍ୱର ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଆମ୍ବୁଲାନ୍ସ ଧକ୍କାରେ ଜଣେ ମୃତ

**ଠାକୁରମୁଣ୍ଡା,୧୧।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଘୁଲୁଘୁଲିଆ ଶାଳନ୍ଦୀ ସେତୁ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ଘୁଲୁଘୁଲିଆ ଗ୍ରାମର ଦାଶରଥୀ ହୋ । ସୂଚନା ଅନୁଯାୟୀ, କରଞ୍ଜିଆ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ନେଇ କଟକରେ ଛାଡ଼ି ଫେରୁଥିବା ବେଳେ ରାସ୍ତାରେ ଚାଲିଚାଲି ଘରକୁ ଯାଉଥିବା ଦାଶରଥୀଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଆମ୍ବୁଲାନ୍ସଟି ସେଠାରୁ ପଳାଇଯାଇଥିଲା। ଖବରପାଇ ମହୁଲଡ଼ିହା ଥାନା ପୋଲିସ ଆମ୍ବୁଲାନ୍ସକୁ ଧରି ଠାକୁରମୁଣ୍ଡା ଥାନାରେ ଅଟକ ରଖିଥିଲେ। ଦୁର୍ଘଟଣାରେ ଗୁରୁତର ଆହତ ଦାଶରଥୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଯାତ୍ରୀବାହୀ ବସ୍‌ରେ ଆଣି ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମହୁଲଡ଼ିହା ଥାନା ପୋଲିସ ଆମ୍ବୁଲାନ୍ସକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି ।

### ୩ ବଖରା ଜଳିଗଲା



**ବନ୍ତ,୧୧।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ଦେବଗଡ଼ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଛି। ସେଥିମଧ୍ୟରୁ ଗ୍ରାମର ବିନୁ ଜେନା, ଗୌରାଙ୍ଗ ଜେନା ଓ ସୁରେନ୍ଦ୍ର ଜେନାଙ୍କର ବଖରାଏ ଲେଖାଏ ରହିଛି। ଅଗ୍ନିକାଣ୍ଡରେ ସେମାନଙ୍କ ଘରେ ଥିବା ଚାଉଳ, ନଗଦ ଟଙ୍କା ସମେତ ସମସ୍ତ ଆସବାବପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଯାଇଛି। ଆଗରପଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ୍‌ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୋମବାର ସକାଳେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଡ.ସୁଧାଂଶୁ ନାୟକ, ସରପଞ୍ଚ କୃପାସିନ୍ଧୁ ସେଠୀ ଓ ୱାର୍ଡସଭ୍ୟ ମଦନ ଜେନା ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ବିପନ୍ନ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ କହିଛନ୍ତି।

### ନାଳରୁ ମିଳିଲା ଶିଶୁପୁତ୍ରର ମୃତଦେହ

**ଭଦ୍ରକ ଅଫିସ, ୧୧।୧୧:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଓଲଙ୍ଗ ଗୋବିନ୍ଦପୁର ପୋଲ ନିକଟସ୍ଥ ଏକ ନାଳରୁ ଜଣେ ଶିଶୁପୁତ୍ରର ମୃତଦେହ ସୋମବାର ମଧ୍ୟାହ୍ନରେ ପୋଲିସ ଉଦ୍ଧାର କରିଛି। ଉକ୍ତ ନାଳରେ ଶିଶୁପୁତ୍ରର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଇଥିଲା। ତେବେ ଘଟଣାର ତଦନ୍ତ ଜାରି ରହିଥିବା ଗ୍ରାମାଞ୍ଚଳ ପୋଲିସ କହିଛି।

### ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ରୂପ୍‌ସା,୧୧।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ବଗ୍ଡା ଗ୍ରାମର ଜଣେ ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଏକ ପୋଖରୀରୁ ସୋମବାର ଉଦ୍ଧାର କରାଯାଇଛି। ମୃତକ ହେଲେ ସୁରେନ୍ଦ୍ର ମଣ୍ଡଳ (୪୫)। ସେ ସମୁଦ୍ରରୁ ମାଛ ଧରି ଗତ ୯ ତାରିଖରେ ଘରକୁ ଫେରିଥିଲେ। ଏହାପରେ ପରିବାର ଲୋକେ ତାଙ୍କର ଖୋଜଖବର ପାଇ ନ ଥିଲେ। ଘରପାଖ ପୋଖରୀରେ ସୋମବାର ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ୍‌କୁ ଖବର ଦେଇଥିଲେ। ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା କହିଛି।

# କ୍ଷତିପୂରଣ ଦାବିରେ ଚାଷୀଙ୍କ ଆନ୍ଦୋଳନ



ଖଇରା ଅଞ୍ଚଳର ଚାଷୀ ଆରଆଇ ଅଫିସ ଘେରାଉ ବେଳେ ପ୍ରଶାସନିକ ଅଧିକାରୀ ସେମାନଙ୍କ ସହ ଆଲୋଚନା କରୁଛନ୍ତି।



ଜଳେଶ୍ୱର ସିପିଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖଇରା,୧୧।୧୧(ଡି.ଏନ.ଏ.)**

ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ଧାନ ଓ ପନିପରିବା ଆଦି ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସକାଶେ ଦାବି କରି ଶତାଧିକ ଚାଷୀ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ରାଜସ୍ୱ କ୍ଷେତ୍ର ଅଧୀନ ଅନ୍ତରା, ଗରସଙ୍ଗ, ରପେୟା ଓ ବରଦା ଗ୍ରାମର ଶତାଧିକ ଚାଷୀ ଆରଆଇଙ୍କ କାର୍ଯ୍ୟାଳୟ ଘେରାଉ କରି ରାଜସ୍ୱ ନିରୀକ୍ଷକ ସୁବ୍ରତ କୁମାର ସିଂଙ୍କୁ ଅଟକ ରଖି ଦାବି ପୂରଣ ଲାଗି ଅଡି ବସିଥିଲେ। ଖବର ପାଇ ଖଇରା ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ଓ ସହକାରୀ କୃଷି ଅଧିକାରୀ ବାସୁଦେବ ଶତପଥୀ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଚାଷୀମାନଙ୍କ ଦାବି ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଆନ୍ଦୋଳନରୁ ଓହରିଥିଲେ।

ଏହି ଆନ୍ଦୋଳନକାରୀ ଚାଷୀ ଦର୍ଶାଇଥିଲେ ଯେ, ବାତ୍ୟା ଓ ବର୍ଷା ଛାଡିବାର ୩ଦିନ ବିତିଲାଣି । ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ଅଧିକାରୀ ଏ ଅଞ୍ଚଳକୁ ଆସି କ୍ଷୟକ୍ଷତି ଆକଳନ କରି ନାହାଁନ୍ତି । ଏହା ବାତ୍ୟା ପ୍ରଭାବିତ ଚାଷୀଙ୍କୁ ଅଧିକ କ୍ଷୁବ୍ଧ କରିଛି। ଏଠାକାର ୪ ପଞ୍ଚାୟତ ସମେତ ଆଖପାଖରେ ଅଧିକ କ୍ଷୟକ୍ଷତି ଘଟିଛି। ତୁରନ୍ତ କ୍ଷତି ଆକଳନ କରି କୃଷିଋଣ ଛାଡ଼ କରିବା,ଏକର ପ୍ରତି ୨୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ, ଜଳକର ଛାଡ଼, ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଚାଷୀଙ୍କୁ ସହାୟତା ଘୋଷଣା କରିବାଲାଗି ସେମାନେ ଦାବି ଉପସ୍ଥାପନ କରିଛନ୍ତି। ଚାଷୀମାନେ ପୂର୍ବାହ୍ନରେ ଆରଆଇ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କଲା ବେଳେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସୋସିଆଲ ରୁରାଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବରଦାର ପୂର୍ବତନ ସରପଞ୍ଚ ପରୀକ୍ଷିତ ମହାପାତ୍ର, ରପେୟା ସରପଞ୍ଚ ଅଜୟ ସାମଲ, ଓସଙ୍ଗ ସେବା ସମବାୟ ସମିତିର ସଭାପତି ନରେଶ କର, ଚାଷୀ ଶ୍ୟାମସୁନ୍ଦର ଜେନା, କେଶବ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ତୁରନ୍ତ କ୍ଷତିପୂରଣ ଦିଅ, ନ ହେଲେ ଆନ୍ଦୋଳନ

**ଜଳେଶ୍ୱର,୧୧।୧୧(ଡି.ଏନ.ଏ.)**–ବାତ୍ୟା 'ବୁଲ୍‌ବୁଲ୍' ପ୍ରଭାବ ଜନିତ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ସକାଶେ ଜଳେଶ୍ୱର ସିପିଆଇ(ଏମ୍) ଓ ଜଳେଶ୍ୱର ଲୋକାଲ କମିଟି ତରଫରୁ ସୋମବାର ତହସିଲଦାରଙ୍କ ଜରିଆରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ସହ ମାଗଣାରେ ରବି ବିହନ, ସାର ଓ ଔଷଧ ଯୋଗାଇ ଦିଆଯିବା, ସମସ୍ତ ଚାଷୀଙ୍କ ଋଣ ଛାଡ଼, ତୁରନ୍ତ ସରକାରୀ କ୍ରୟକେନ୍ଦ୍ର ଖୋଲି ଅମଳ ହେଉଥିବା ଧାନକୁ ସରକାରୀ ଦରରେ କିଣିବାକୁ ଏଥିରେ ଦର୍ଶାଯାଇଛି। ସେହିପରି ଘର ଭାଙ୍ଗିଥିବା ବିପନ୍ନଙ୍କୁ ତୁରନ୍ତ ଘର ଛପର ପାଇଁ ପଲିଥିନ ଯୋଗାଇ ଦେବା ଲାଗି ଦାବି କରାଯାଇଛି। ଏସବୁ ଦାବି ୧୫ ଦିନ ମଧ୍ୟରେ ପୂରଣ କରା ନ ଗଲେ ସିପିଆଇ(ଏମ୍) ପକ୍ଷରୁ ଆନ୍ଦେଳେନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସିପିଆଇ(ଏମ୍) ଜଳେଶ୍ୱର ଲୋକାଲ କମିଟି ସଭାପତି ଦିଲ୍ଲୀପ ଗିରି, ଜୀବନ ପରିଡା, ପଲ୍ଟୁ ଦାସ, ମଦନ ମୋହନ ମହାଲି, ଗଣେଶ ଚନ୍ଦ୍ର ଜେନା, ସେକ ଅବଦୁଲ ସାଦ୍ଦିକ, ରବୀନ୍ଦ୍ର ବାରିକ, ଶିଶିର ହୁଇ, ଯତିନ ଜେନା, ମିନତୀ ବାରିକ ଓ ଦିଲ୍ଲୀପ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ
# ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା

**ବାଲେଶ୍ୱର ଅଫିସ,୧୧।୧୧**

ବାଲେଶ୍ୱର ସଦର ବ୍ଲକ ଓଡ଼ଙ୍ଗୀ ପଞ୍ଚାୟତର ନରସିଂହପୁର ଗ୍ରାମରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ଉଦ୍ୟମକୁ ସ୍ଥାନୀୟ ଲୋକେ ଦୃଢ଼ ବିରୋଧ କରିଛନ୍ତି। ସେମାନେ ଏହାର ପ୍ରତିବାଦ ଜଣାଇ ସୋମବାର ପୂର୍ବାହ୍ନରେ ସଦର ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ।

ସଦର ବ୍ଲକ ଓଡ଼ଙ୍ଗୀ ପଞ୍ଚାୟତର ନରସିଂହପୁର ଗ୍ରାମରେ ୨୦୧୮ରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ୪୩କୋଟି ଟଙ୍କାର ଏହି ପ୍ରକଳ୍ପ ଲାଗି ଅର୍ଥ ମଞ୍ଜୁର ହେବା ପରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ତହସିଲ କର୍ତ୍ତୃପକ୍ଷ ଜମି ଯୋଗାଇଦେବା ସମୟରେ ନରସିଂହପୁର ଗ୍ରାମ ବଦଳରେ ଓଲନ୍ଦାସାରଗାଁ ପଞ୍ଚାୟତର ହିଞ୍ଜଳା ଗ୍ରାମରେ ଏହି ଶିକ୍ଷାନୁଷ୍ଠାନ କରିବାକୁ ନିଷ୍ପତ୍ତି ନେଇଥିବାରୁ ନରସିଂହପୁର ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଜିତେନ୍ଦ୍ର ଜେନା, ରଣଜିତ ମହାପାତ୍ର, ସଦାଶିବ ମହାଳିକ, ଅଜୟ କୁମାର ମହାଳିକ, ହେମନ୍ତ ମହାପାତ୍ର, ଶଚୀନ୍ଦ୍ର ମହାଳିକ ପ୍ରମୁଖ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ସଦର ତହସିଲଦାର ପୂର୍ଣ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆନ୍ଦୋଳନକାରୀଙ୍କ ସହ କଥାବାର୍ତ୍ତା ହୋଇଛି। ଏହି ଗ୍ରାମର ଆବଶ୍ୟକଠାରୁ ଅଧିକ ଗୋଚର ଭୂମି ଅଛି। ଜିଲା ପ୍ରଶାସନ ହସ୍ତକ୍ଷେପରେ ଏହା ସମ୍ଭବ ହୋଇପାରିବ। ଏ ଦିଗରେ ବିଧିବଦ୍ଧ ନିଷ୍ପତ୍ତି ଲାଗି ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବା ପରେ ଯାହା କିଛି ସ୍ଥିର କରାଯିବ ବୋଲି ସେ କହିଥିଲେ।



ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା।

# ଚାଷଜମି କ୍ଷୟକ୍ଷତିର ତଦନ୍ତ ଆରମ୍ଭ



ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି।

**ବନ୍ତ,୧୧।୧୧(ସ୍ୱ.ପ୍ର.)**

ବାତ୍ୟା ଯୋଗୁ ବ୍ଲକରେ ପ୍ରଭାବିତ ହୋଇଥିବା ଚାଷଜମିର କ୍ଷୟକ୍ଷତି ଆକଳନ ପାଇଁ ତହସିଲ ଓ ଆର୍‌ଆଇ ଅଫିସ ପକ୍ଷରୁ ସୋମବାରଠାରୁ ତଦନ୍ତ ଆରମ୍ଭ ହୋଇଛି। ଫସଲ ନଷ୍ଟ ହୋଇଥିବା ନେଇ ଆର୍‌ଆଇ ଓ ତହସିଲ କାର୍ଯ୍ୟାଳୟରେ ଆବେଦନ କରିବା ଲାଗି ଚାଷୀମାନଙ୍କର ଭିଡ଼ ଲାଗୁଛି। ସୋମବାର ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ କେନ୍ଦୁଆପଦା ଅଞ୍ଚଳକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଧାନ କେଣ୍ଡା ସମ୍ପୂର୍ଣ୍ଣ ବାହାରି ସାରିବା ପରେ ପବନ ଓ ବର୍ଷା ମାଡ଼ରେ ଜମିରେ ଧାନଗଛ ପାଣିରେ ବୁଡ଼ି ରହିଛି। ଧାନକେଣ୍ଡା ପାଣିରେ ପଡ଼ି ରହିଥିବାରୁ ନଷ୍ଟ ହେବା ସହିତ ଅମଳ ବାଧାପ୍ରାପ୍ତ ଆଶଙ୍କାରେ ଚାଷୀମାନେ ବ୍ୟଥିତ ଅଛନ୍ତି। ବନ୍ତ ତହସିଲ ଅଧୀନରେ ୫ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତଦନ୍ତ ସରିବା ପରେ ମୋଟ କ୍ଷୟକ୍ଷତିର ପରିମାଣ ଜଣାପଡ଼ିବ ବୋଲି ଅତିରିକ୍ତ ତହସିଲଦାର ସେଠୀ କହିଛନ୍ତି।

## ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବିପତ୍ର

**ସଜନାଗଡ଼,୧୧।୧୧(ଡି.ଏନ.ଏ.)**

'ବୁଲ୍‌ବୁଲ୍' ବାତ୍ୟା ପ୍ରଭାବରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଧାନ ଓ ଅନ୍ୟ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷୟକ୍ଷତିର ତଦନ୍ତ କରି ଚାଷୀଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ଦାବିରେ ସୋମବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ଆଞ୍ଚଳିକ କମିଟି କର୍ମକର୍ତ୍ତା ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଦାବି ପୂରଣ ନ ହେଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବିଜୟ କୁମାର ପାତ୍ର, ଜଗାନନ୍ଦ ଦାସ, ହେମେନ୍ଦ୍ର ସେଠୀ, ଉଗ୍ରସେନ୍ ଦାଶ, ଜ୍ୟୋତିର୍ମୟୀ ରାଉତ, ତ୍ରିଲୋଚନ ସ, ରାମଚନ୍ଦ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଲାବଣ୍ୟଦେଇପୁର ଓ ଶରତ ପଞ୍ଚାୟତବାସୀଙ୍କ ବିକ୍ଷୋଭ

**କପ୍ତିପଦା,୧୧।୧୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଶରତ ଓ ଲାବଣ୍ୟଦେଇପୁର ପଞ୍ଚାୟତବାସୀ ବିଭିନ୍ନ ଦାବି ନେଇ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଲାବଣ୍ୟଦେଇପୁର ପଞ୍ଚାୟତ ଅଧୀନରେ ଥିବା ଆଦିବାସୀ ଅଧ୍ୟୁଷିତ ଧନଚତୁରୀ, ହୁଡିସାହି, କଟୁରିଆ, ଶାଣଦେଇ, ପାତାସାହି, ଡିପାସାହି, ଗଜାପଥର, ଗାଇପାଣିଖିଆ ଓ ଚାପଲସାହି ଗ୍ରାମବାସୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ସ୍ୱାଧୀନତାର ୭୨ବର୍ଷ ପରେ ମଧ୍ୟ ସେମାନଙ୍କର ମୌଳିକ ସମସ୍ୟା ଯଥା ପାଣି, ଘର, ଭତ୍ତା, ରାଶନକାର୍ଡ, ଜଙ୍ଗଲ ଜମି ପଟ୍ଟା ଆଦି ସମସ୍ୟାର ସମାଧାନ ହୋଇ ନାହିଁ । ଏଥିନେଇ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏସମ୍ପର୍କରେ ମାଝୀ ହାଡାମ ଜୟ ମୁର୍ମୁ, କାରାନ ମୁର୍ମୁ, ବାଗାନ ସିଂ, ଶରତ ଚନ୍ଦ୍ର ମୁର୍ମୁ ଓ ମୁଖିଆ ସିଂ ଆଲପାଙ୍କ ନେତୃତ୍ୱରେ ଗ୍ରାମବାସୀ କପ୍ତିପଦା ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ସଦାଶିବ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ମୁତାବକ ଆଗାମୀ ୩ମାସ ମଧ୍ୟରେ ଯଦି ସେମାନଙ୍କର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ନ ହୁଏ ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଶତାଧିକ ଆଦିବାସୀ ମହିଳାପୁରୁଷ କପ୍ତିପଦାଠାରେ ଉଦଳା–କପ୍ତିପଦା ଓ ବାଲେଶ୍ୱର ରାସ୍ତାକୁ ଅବରୋଧ କରିବେ ବୋଲି କହିଛନ୍ତି।

ସେହିପରି ଶରତ ପଞ୍ଚାୟତର ୱାର୍ଡ ନଂ.୨ରେ ଥିବା ବିଦ୍ୟାଳୟଠାରୁ ବାଲେସାହି ରାସ୍ତା ନିର୍ମାଣ, ପାରାଏ ଘରଠାରୁ ସିମଲ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ସରକାର ଆଦିବାସୀମାନଙ୍କ ପାଇଁ ବିଭିନ୍ନ ଜନାଭିମୁଖୀ ଯୋଜନା ପ୍ରସ୍ତୁତ କରୁଥିବା ବେଳେ କେତେକ ପ୍ରଶାସନିକ ଅଧିକାରୀଙ୍କ ପାଇଁ ଏହାର ସଫଳ ରୂପାୟନ ସେମାନଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାର ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହିଭଳି ଆଦିବାସୀ ମାରଣ ନୀତି ବନ୍ଦ ନ କଲେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ବିଶ୍ୱଜିତ ପଣ୍ଡାଙ୍କୁ ପଚାରିବାରୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ କଥା ହୋଇ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି।

## ଜାପାନୀ ଜ୍ୱର ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ
# ପ୍ରଥମ ଦିନରେ ୬୯୮ ଛାତ୍ରୀଛାତ୍ର ନେଲେ ଟିକା

**ଭଣ୍ଡାରିପୋଖରୀ, ୧୧।୧୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବଜାରସ୍ଥିତ ଶାରଦା ବିଦ୍ୟାମନ୍ଦିରଠାରେ ସୋମବାର ବ୍ଲକସ୍ତରୀୟ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ବିଦ୍ୟାମନ୍ଦିରରେ ପ୍ରଥମ ଦିନରେ ୭୩୦ ଛାତ୍ରୀଛାତ୍ର ଟିକା ନେବାକୁ ଥିବାବେଳେ ୬୯୮ ଜଣଙ୍କୁ ଟିକାକରଣ କରାଯାଇଛି। ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜାପାନୀ ଜ୍ୱର ରୋଗରୁ ରକ୍ଷା ପାଇବାର ଏକମାତ୍ର ଉପାୟ ଟିକାକରଣ ବୋଲି କହିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ୍ ରଶ୍ମିରେଖା ପୃଷ୍ଟି, ସୁପରଭାଇଜର ମନୋରଞ୍ଜନ ରାଉତ, ମିନତିଲତା ଦାସ ଓ ପବନ କୁମାର ନାୟକ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ଏହାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଚିତ୍ତରଞ୍ଜନ ନାୟକ ଅତିଥି ପରିଚୟ ଓ ସୁଶାନ୍ତ ସେନାପତି ଧନ୍ୟବାଦ ଦେଇଥିଲେ।



ଭଣ୍ଡାରୀପୋଖରୀ ଶାରଦା ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଉଛି।

## ବ୍ୟାଙ୍କ ସାମ୍ନାରୁ ୫୦ ହଜାର ଲୁଟ୍

**ରାଇରଙ୍ଗପୁର,୧୧।୧୧(ଡି.ଏନ୍.ଏ.):**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅଧୀନ ଇଚିଣ୍ଡାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନାରୁ ସୋମବାର ଜଣେ ବ୍ୟକ୍ତିଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏଥିନେଇ ପୋଲିସ ଏକ ମାମଲା (ନଂ.୧୪୬/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରାଇରଙ୍ଗପୁର ସହରାଞ୍ଚଳ ଅନ୍ତର୍ଗତ ୩ ନଂ. ୱାର୍ଡ ମନ୍ଦିର ସାହି ବାସିନ୍ଦା ନବ କିଶୋର ପଟ୍ଟନାୟକ ପୂର୍ବାହ୍ନ ସାଢେ ଏଗାରଟା ବେଳେ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଏକ ବ୍ୟାଗରେ ରଖି ବ୍ୟାଙ୍କ ସାମ୍ନାରେ ଥିବା ସାଇକେଲ ପାଖକୁ ଆସୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଆସି ତାଙ୍କଠାରୁ ଟଙ୍କା ବ୍ୟାଗଟି ଝାମ୍ପିନେଇ ପଳାଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ବାସୁଦେବପୁର,୧୧।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତ ଉରୁଣିଆ ଗ୍ରାମରେ ତାର ସଜାଡୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବିଭାଗୀୟ କର୍ମଚାରୀ ଦାଶରଥୀ ପଣ୍ଡା(୪୨)ଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ହୋଇ ଆସିବା ପରେ ସୋମବାର ଅପରାହ୍ନରେ ପରିବାର ଲୋକଙ୍କ ସମେତ ଗ୍ରାମବାସୀ କ୍ଷତିପୂରଣ ଦାବି କରି ମୃତଦେହ ରଖି ରାସ୍ତାରୋକୋ କରିଥିଲେ।

ମୃତ ବିଦ୍ୟୁତ୍ କର୍ମଚାରୀ ଦାଶରଥୀଙ୍କ ଘର ବ୍ରାହ୍ମଣଗାଁ ଗ୍ରାମରେ। ତାଙ୍କ ମୃତ୍ୟୁ ପ୍ରତିବାଦରେ ପ୍ରଥମେ ବ୍ରାହ୍ମଣଗାଁଠାରେ ରାସ୍ତାରୋକୋ କରାଯାଇଥିଲା। ପୁଣି ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ ବୋଲି ଦାବିକରି ଗ୍ରାମବାସୀ ମୃତଦେହକୁ ବାସୁଦେବପୁରସ୍ଥିତ ବିଦ୍ୟୁତ୍ ଅଫିସ ସାମ୍ନା ମୁଖ୍ୟ ରାସ୍ତାରେ ରଖି ଅପରାହ୍ନ ପ୍ରାୟ ୪ଟାରୁ ରାସ୍ତା ଅବରୋଧ କରିଥିଲେ। ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଦାଶରଥୀ ଉରୁଣିଆ ଗ୍ରାମରେ ଏକ ଖୁଣ୍ଟରେ ଚଢ଼ି ତାର ମରାମତି କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ସେମାନେ ଭୁଲ୍ ସଟ୍‌ଡାଉନ ସିଗ୍ନାଲ ନେଇଥିବା ବିଦ୍ୟୁତ୍ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାସୁଦେବପୁର ଥାନା ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ସେଠାରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଥିଲା। ବ୍ରାହ୍ମଣଗାଁ ସରପଞ୍ଚ ହରିହର ଶିଅଳ ମଧ୍ୟ ଲୋକଙ୍କୁ ବୁଝାଶୁଝା କରିଥିଲେ। ବାସୁଦେବପୁର ଭାରପ୍ରାପ୍ତ ତହସିଲଦାର ରାଧାକାନ୍ତ ବାରିକ ଓ ବିଡିଓ ପ୍ରଣବ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଏ ନେଇ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ବାସୁଦେବପୁରସ୍ଥିତ ବିଦ୍ୟୁତ୍ ଅଫିସ ସମ୍ମୁଖରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

**ବିଦ୍ୟୁତ୍ ତାର ମରାମତି ବେଳେ କର୍ମଚାରୀଙ୍କ ମୃତ୍ୟୁ**

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଖବରଦାତା ଗୁରୁତର

ଘସିପୁରା,୧୧।୧୧(ଡି.ଏନ.ଏ.)- ଆନନ୍ଦପୁର ଥାନା ଅନ୍ତର୍ଗତ ଫକିରପୁର ଛକରେ ଖବର ସଂଗ୍ରହ ପାଇଁ ଯାଇ ଫେରୁଥିବା ବେଳେ 'ଧରିତ୍ରୀ' ଖବରଦାତା ସନ୍ତୋଷ ରାଉତ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ସିନେମାହଲ ଛକ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ମୋଟର ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଆନନ୍ଦପୁର ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କ ଟେର ପାଇପାରି ନାହିଁ।

### କାଠ ଜବତ: ୩ ଗିରଫ



କେନ୍ଦୁଝର/ଘସିପୁରା, ୧୧।୧୧ (ଡି.ଏନ୍.ଏ.)- କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ପୁରୁଣାବଜାର ସ୍ୱର୍ଣ୍ଣପ୍ରଭା ଛକଠାରେ ଜଣେ ବ୍ୟକ୍ତିଙ୍କ ଘରୁ ଚୋରା କାଠ ଜବତ କରାଯାଇଥିବାବେଳେ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ପୁରୁଣାବଜାର ସ୍ୱର୍ଣ୍ଣପ୍ରଭା ଛକ ନିକଟରେ ରହୁଥିବା ମହମ୍ମଦ ନିଆଜ ଅହମ୍ମଦଙ୍କ ଘରେ ଚୋରା କାଠ ମହଜୁଦ କରାଯାଇଥିବା ନେଇ ବନ ବିଭାଗକୁ ଗୁଇନ୍ଦା ତଥ୍ୟ ମିଳିଥିଲା। ଏହି ଖବର ପାଇବା ପରେ କେନ୍ଦୁଝର ଟାଉନ ପୋଲିସ ଏବଂ କେନ୍ଦୁଝର ସଦର ବନାଞ୍ଚଳ କାର୍ଯ୍ୟାଳୟର କର୍ମଚାରୀଙ୍କୁ ନେଇ ମିଳିତ ଭାବେ ସେଠାରେ ଚଢାଉ କରାଯାଇଥିଲା। ଚଢାଉରେ ନିଆଜଙ୍କ ଘରୁ ୧୭ଖଣ୍ଡ ଶାଗୁଆନ ପଟା ଏବଂ ୨୪ଖଣ୍ଡ ଶାଳ ଗଡ଼ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ୫୦ହଜାର ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ସେହିପରି ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ପଟିଲୋ ଓ ଭାଟିସିରାରୁ ସାଇକେଲ ଯୋଗେ ଚୋରାଚାଲାଣ କରାଯାଉଥିବା ବେଳେ ବନ ବିଭାଗ କାଠ ଜବତ କରିବା ସହ ଆଖଣ୍ଡଳମଣି ସାହୁ ଓ ନବଘନ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଭାଟସିରା ଅଞ୍ଚଳରୁ ଦୁଇଟି ସାଇକେଲ ଯୋଗେ କାଠ ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ସାଇକେଲ ସହ କାଠ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ସେହିପରି ପଟିଲୋ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାବେଳେ ବନ ବିଭାଗର ଏକ ଟିମ୍ ସାଇକେଲ ଯୋଗେ ଚାଲାଣ ହେଉଥିବା ଶାଳ ଓ କଙ୍ଗାର କାଠ ଜବତ କରିଛନ୍ତି।

### ମହିଳାଙ୍କୁ ଆକ୍ରମଣ ୩ ଗିରଫ

ରାଇସୁଆଁ, ୧୧।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତର ହେସେଲଗଘୁଟ ଅଞ୍ଚଳରେ ଜଣେ ମହିଳାଙ୍କୁ ଗତ ୮ତାରିଖରେ ୩ଜଣ ଦୁର୍ବୃତ୍ତ ମିଳିତ ଭାବେ ଡାହାଣୀ କରୁଥିବା କହି ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ସଦର ଥାନାରେ ଅଭିଯୋଗ ପରେ ସଦର ପୋଲିସ ଉକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରାଯାଇଥିବା ସଦର ଥାନାରୁ ସୂଚନା ମିଳିଛି। ବିଜ୍ଞାନ ଯେତେ ଉନ୍ନତି କଲେ ମଧ୍ୟ କେନ୍ଦୁଝର ଜିଲାର ସଦର ଅଞ୍ଚଳରେ ଆଜି ଯାଏ ବହୁ ସଚେତନତାର ଅଭାବ ଏବଂ ନିରକ୍ଷରତା ଯୋଗୁ ଡାହାଣୀ, ଗୁଣିଗାରେଡ଼ିକୁ ଲୋକେ ଅନ୍ଧବିଶ୍ୱାସ ଭାବେ ଗ୍ରହଣ କରୁଛନ୍ତି।

# ଅବହେଳିତ କାନଝରୀ, ହଦଗଡ଼ ଡ୍ୟାମ୍

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୧।୧୧**

■ବିକାଶ ଅପେକ୍ଷାରେ ପର୍ଯ୍ୟଟନ କେନ୍ଦ୍ର
■ହୋଇପାରୁନି ଏ ଯାଏ ଆଲୋକ ବ୍ୟବସ୍ଥା

କେନ୍ଦୁଝର ଜିଲାରେ ରହିଛି ବହୁ ଛୋଟବଡ ଡ୍ୟାମ। ଜିଲାର ପ୍ରତ୍ୟେକ ଡ୍ୟାମ୍ ଓ ଜଳଭଣ୍ଡାର ହେଉଛି ସୌନ୍ଦର୍ଯ୍ୟମୟ। ସେସବୁର ବିକାଶ କରାଗଲେ ଉତ୍କୃଷ୍ଟ ପର୍ଯ୍ୟଟନ କେନ୍ଦ୍ର ହୋଇପାରିବ। ଜଳାଶୟ ସହିତ ଏହାର ପାରିପାର୍ଶ୍ୱିକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଙ୍ଗଲ ଓ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ତେବେ ରକ୍ଷଣାବେକ୍ଷଣ ଅଭାବ ସହିତ ଏହାର ବିକାଶ କରାଯାଉ ନ ଥିବା ବେଳେ ଉପଯୁକ୍ତ ସୁବିଧା ଅଭାବରୁ ଏହି ସବୁ କେନ୍ଦ୍ର ଅବହେଳିତ ହୋଇରହିଛି । ତେବେ ଅନ୍ୟ କେତେକ ଡ୍ୟାମ ମାନ୍ୟତା ପାଇ ନ ଥିଲେ ହେଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ମାନ୍ୟତା ପାଇଥିବା ପର୍ଯ୍ୟଟନ କେନ୍ଦ୍ର ମଧ୍ୟରୁ ହଦଗଡ, କାନଝରୀ, ବଡଘାଗରା ଅନ୍ୟତମ । ଏହା ଛଡା ରେମାଳ, ସାପୁଆ, ଅରଡେଇ, ଜଗଦଳା ଆଦି ବହୁ ଡ୍ୟାମ ରହିଛି, ଯାହାର ସୌନ୍ଦର୍ଯ୍ୟ ବୃଦ୍ଧି କରି ବିକାଶ କରାଗଲେ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ ଏବଂ ଏହା ନିକଟରେ ରହୁଥିବା ଗ୍ରାମବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ ।

ମାନ୍ୟତା ପାଇଥିବା ଡ୍ୟାମ୍ ପର୍ଯ୍ୟଟନ କେନ୍ଦ୍ର ମଧ୍ୟରୁ ହାଟଡିହୀ ବ୍ଲକର ହଦଗଡ ଓ ସଦର ବ୍ଲକର କାନଝରୀ ରହିଛି। ତେବେ ଏହି ଡ୍ୟାମ୍ ଦ୍ୱୟକୁ ବୁଲିବା ସହ ଭୋଜିଭାତ କରିବା ପାଇଁ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ତେବେ ଏହାର ବିକାଶ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । କାନଝରୀ ଡ୍ୟାମ୍‌ରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଉଭୟ ଡ୍ୟାମ୍ ତଥା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିପଦ ରହୁଛି। ଭୋଜିଭାତ କରିବା ସହ ବୁଲିବାକୁ ପର୍ଯ୍ୟଟକ ଆସନ୍ତି କିନ୍ତୁ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଅସାମାଜିକ ଯୁବକମାନଙ୍କ ଅସଦାଚରଣ, ଅଶାଳୀନ ବ୍ୟବହାରର ସମ୍ମୁଖୀନ ହୋଇଥାନ୍ତି। ସେହିପରି ଡ୍ୟାମ୍‌ର ମନୋରମ ଦୃଶ୍ୟ ଦେଖିବା ପାଇଁ ନିର୍ମାଣ କରାଯାଇଥିବା ନିଳୟ ମଧ୍ୟ ଅବହେଳିତ ହୋଇ ରହିଛି । ଏହାର ପାଖରେ ଥିବା ବଗିଚା ନଷ୍ଟ ହୋଇଯାଇଥିବା ବେଳେ ପାଚେରି ଭୁଶୁଡି ପଡିଛି। ଡ୍ୟାମ୍ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାର୍କ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ସଫେଇ ହେଉନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଏପରି କି ଜଳଭଣ୍ଡାରରେ ପାଣି ଭରି ରହିଥିବାରୁ



ଅବହେଳିତ ହଦଗଡ଼ ଡ୍ୟାମ।

ମନୋରମ ଦୃଶ୍ୟ ଦେଖିବାକୁ ପର୍ଯ୍ୟଟକଙ୍କ ସମାଗମ ରହିଛି । ବର୍ଷା ଯୋଗୁ ଜଳଭଣ୍ଡାରରୁ ପାଣି ଛଡା ଯାଉଛି। ତେବେ ସୁରକ୍ଷା ପ୍ରାଚୀର ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ଅବାଧ ଚଳପ୍ରଚଳ ରହୁଛି ଏବଂ ଲୋକମାନେ ସମ୍ବେଦନଶୀଳ ସ୍ଥାନ ନିକଟକୁ ଯାଉଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। ଡ୍ୟାମ୍ ତଳେ ଥିବା ସର୍ବସାଧାରଣ ରାସ୍ତାରେ ଦୀର୍ଘ ବର୍ଷ ହେଲା ପୋଲ ଭାଙ୍ଗିଯାଇଥିଲେ ହେଁ ନିର୍ମାଣ ହେଉ ନ ଥିବାରୁ ଡ୍ୟାମ୍ ରାସ୍ତାରେ ଗାଡି ଚଳାଚଳ ହେବା ସହ ସର୍ବସାଧାରଣ ରାସ୍ତାରେ ପରିଣତ ହୋଇଥିବାରୁ ବିପଦ ଆଶଙ୍କା ରହୁଛି।

ସେହିପରି ବହୁ ପୁରାତନ ହଦଗଡ ଡ୍ୟାମ୍‌କୁ ଲକ୍ଷାଧିକ ପର୍ଯ୍ୟଟକ ଆସୁଥିଲେ ହେଁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା ନାହିଁ। ଲାଇଟ୍‌ର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ସାନମାଛକାନ୍ଦଣା (ବଡଘାଗରା ଜଳପ୍ରପାତ ନିକଟ)କୁ ମଧ୍ୟ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ସେଠାରେ ମଧ୍ୟ ଆଲୋକ ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା, ପର୍ଯ୍ୟଟକଙ୍କ ରହିବା, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା କରାଗଲେ ଅଧିକ ପର୍ଯ୍ୟଟକ ଯିବେ ବୋଲି ମତପ୍ରକାଶ ପାଉଛି। ଏନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ପର୍ଯ୍ୟଟନ କେନ୍ଦ୍ର ଗୁଡିକର ବିକାଶ କରିବା ପାଇଁ ପଦକ୍ଷେପ ନେବା ସହ ସୁରକ୍ଷା ବ୍ୟବସ୍ଥା ପାଇଁ କେତେକ ସ୍ଥାନରେ ପୋଲିସ ଆଉଟପୋଷ୍ଟ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ଏହି ସବୁ ଡ୍ୟାମ୍ ନିକଟରେ ଫୁଲ ବଗିଚା ତଥା ପାର୍କ ନିର୍ମାଣ କରାଗଲେ ଏହା ଅଧିକ ଆକର୍ଷଣୀୟ ହୋଇ ପାରିବ । ସେହିପରି ଏହା ନିକଟରେ ପର୍ଯ୍ୟଟକଙ୍କ ସୁରକ୍ଷା ସହିତ ସେମାନଙ୍କ ପାଇଁ ରହିବା, ଖାଦ୍ୟ ଓ ପାନୀୟର ବ୍ୟବସ୍ଥା, ଆଲୋକ ତଥା ବୋଟିଂ ବ୍ୟବସ୍ଥା କରାଗଲେ ଅଧିକ ପର୍ଯ୍ୟଟକ ଆସିବେ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି।

## ପଞ୍ଚାୟତ ସମିତି ବୈଠକ

**ଚମ୍ପୁଆ, ୧୧।୧୧(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ସଭା ଗୃହଠାରେ ଚେୟାରମ୍ୟାନ ରମଣୀ ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ପାଟଣା ବିଧାୟକ ଜଗନ୍ନାଥ ନାଏକ ପ୍ରମୁଖ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ ଓ ୨୨ ଗୋଟି ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବିକାଶ ଓ ଉନ୍ନତି ସମର୍ପିତ ଭାବନା ମଧ୍ୟରେ କରାଯାଇ ପାରିବ ବୋଲି ବିଧାୟକ ମତ ଦେଇଥିବା ବେଳେ ସାର୍ବଜନୀନ ଉନ୍ନତି ପାଇଁ ଗ୍ରାମାଞ୍ଚଳରେ ଖେଳ ପଡିଆ ଓ ଖୋଲା ବ୍ୟାୟାମ ଶାଳ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଏମ୍‌ପି ମୁର୍ମୁ ଟିମ ଗଠନ କରି ପ୍ରସ୍ତାବିତ ଯୋଜନାଗୁଡିକର କାର୍ଯ୍ୟକାରିତା ତଦାରଖ କରିବା ଉପରେ ମତ ରଖିଥିଲେ। ପୂର୍ବ ବୈଠକରେ ଗୃହୀତ ପ୍ରସ୍ତାବର କାର୍ଯ୍ୟକାରିତା ନେଇ ସଭ୍ୟାସଭ୍ୟ ପ୍ରଶ୍ନ ଉଠାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରି ନଥିଲା। ବ୍ଲକ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଶୈଳୀକୁ ନେଇ ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିବାରୁ ବିଳମ୍ବରେ ବୈଠକ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଶରତ ଚନ୍ଦ୍ର ବାରିକ ଓ ସମସ୍ତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

### ଯୋଡ଼ାରେ ସପ୍ତମ ପଞ୍ଚାୟତ ସମିତି ସମୀକ୍ଷା ବୈଠକ

# ଶିକ୍ଷା ଅବ୍ୟବସ୍ଥା ନେଇ ଉଦ୍‌ବେଗ

**ଯୋଡ଼ା, ୧୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ସପ୍ତମ ପଞ୍ଚାୟତ ସମିତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡା ବ୍ଲକ ଚେୟାରମ୍ୟାନ୍ ଶୁକୁମାରୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଯୋଡା ବ୍ଲକ ବିଡିଓ ଦାୟିତ୍ୱରେ ଥିବା ବଡବିଲ୍ ତହସିଲଦାର କ୍ଷୀରୋଦ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ବିଶ୍ୱଜିତ୍ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଯଦୁନାଥ ମୁର୍ମୁଙ୍କ ସମେତ ୧୯ ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଯୋଡା ଓ ଏହାର ଆଖପାଖ ଖଣି ପ୍ରଭାବିତ ଅଞ୍ଚଳରେ ଆବଶ୍ୟକୀୟ ଶିକ୍ଷା, ବିଦ୍ୟାଳୟରେ





ବୈଠକରେ ଉପସ୍ଥିତ ଅତିଥି।

ଶିକ୍ଷାଦାନର ମାନ, ନିମ୍ନମାନର ମଧ୍ୟାହ୍ନ ଭୋଜନ ଓ ଆନୁଷଙ୍ଗିକ ସୁବିଧା ନଥିବାରୁ ଯୋଡା ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷା ବିଭାଗର କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତି ନଥିବାରୁ, ବିଧାୟିକା ମୀନାକ୍ଷୀ ମହାନ୍ତ ଏବଂ ଅନ୍ୟ ଅଧିକାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଯୋଡା ବ୍ଲକ ତଥା ପୌରପାଳିକାରେ ସିଡିପିଓ ପଦବୀ ଖାଲିପଡିଥିବାରୁ ବିଭିନ୍ନ ସମସ୍ୟା ଦେଖାଯାଉଥିବା ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। କୃଷି ଉଦ୍ୟାନ୍, ପ୍ରାଣୀ ସମ୍ପଦ , ମତ୍ସ୍ୟ ଚାଷ, ଗ୍ରାମ୍ୟ ଉନ୍ନୟନ , ସାଧାରଣ ସାମଗ୍ରୀ ବଂଟନ, ସାମାଜିକ ସୁରକ୍ଷା, ଭତ୍ତା ବଣ୍ଟନ, ଓଡିଶା ଜିବୀକା ମିଶନ୍ , ଖଣି, ରାଜସ୍ୱ ଓ ଜଙ୍ଗଲ ଆଦି ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ସୋରିଷ, ବୁଟ ବିହନ ବଣ୍ଟନ

**ଚମ୍ପୁଆ, ୧୧।୧୧(ଡି.ଏନ.ଏ.)**

ଚମ୍ପୁଆ କୃଷି କାର୍ଯ୍ୟାଳୟଠାରେ ସୋମବାର ଏମ୍‌ପି ଓ ବିଧାୟକଙ୍କ ଦ୍ୱାରା ଚାଷୀଙ୍କୁ ସୋରିଷ, ବୁଟ ବିହନ ବଣ୍ଟନ କରାଯାଇଛି। ସୂଚନା ଅନୁସାରେ ଚଳିତବର୍ଷ ବର୍ଷା ଅଭାବଜନିତ କାରଣରୁ ଚାଷୀମାନେ ଆବଶ୍ୟକ ମୁତାବକ ଧାନ ଚାଷକରି ପାରି ନ ଥିଲେ। ଏ ନେଇ ଜିଲା କୃଷି ଅଧିକାରୀ ଉକ୍ତ ଚାଷୀମାନଙ୍କୁ ଖରିଫ ଋତୁରେ ୩ ହଜାର ହେକ୍ଟର ଚାଷୀ ଜମି ପାଇଁ ବୁଟ ଓ ସୋରିଷ ବିହନ ପ୍ରଦାନ ପାଇଁ ବିଭାଗକୁ ଚିଠି ଲେଖିଥିଲେ। ଏହାଦ୍ୱାରା ଚାଷୀମାନେ ତାଙ୍କ ଚାଷର ଭରଣା କରି ପାରିବେ ବୋଲି ଆଶା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର କୃଷି କାର୍ଯ୍ୟାଳୟଠାରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ପାଟଣା ବିଧାୟକ ଜଗନ୍ନାଥ ନାଏକ ଉପସ୍ଥିତ ରହି



ଅତିଥିଙ୍କ ଦ୍ୱାରା ବିହନ ବଣ୍ଟନ କରାଯାଉଛି।

ଚିହ୍ନଟ ଚାଷୀମାନଙ୍କୁ ବୁଟ ଓ ସୋରିଷ ବିହନ ପ୍ରଦାନ କରିଛନ୍ତି। ଚମ୍ପୁଆ ବ୍ଲକର ୨୨ଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ଚାଷୀମାନଙ୍କୁ ହେକ୍ଟର ପିଛା ସୋରିଷ ୧୦ କେଜି ଏବଂ ବୁଟ ୪୦ କେଜି ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ୩ ହଜାର ହେକ୍ଟର ପାଇଁ ବିହନ ମଗାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨ ଶହ ହେକ୍ଟର ଜମି ପାଇଁ ବିହନ ଉପଲବ୍ଧ ଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପକ୍ଷରୁ ସହକାରୀ କୃଷି ଅଧିକାରୀ ଅବିନାଶ ବେହେରା, କମର୍ନଚାରୀ ମାନସିନୀ ବେହେରା, ରତ୍ନମଣି ନାଏକ, ସବିତା ନାଏକ, ଅରୁଣ ପରିଡା, ସୁବଳ ବାଗ୍, ସିପୁନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## କାନପୁର ଗୁଡୁ ପୋଖରୀରେ ନୌକା ବିହାର ଉଦ୍‌ଘାଟିତ

**ବଉଳା, ୧୧।୧୧ (ଡି.ଏନ.ଏ.)**

ହାଟଡିହୀ ବ୍ଲକ ସୋସୋ ପଂଚାୟତର କାନପୁର ଗ୍ରାମର କାନ୍ହେଶ୍ୱର ମନ୍ଦିର କମିଟି ପକ୍ଷରୁ ଗ୍ରାମ ଗୁଡୁ ପୋଖରୀରେ ନୌକା ବିହାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । କମିଟିର ସଭାପତି ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ଭାଗୀରଥି ସେଠୀ, ସମ୍ମାନିତ ଅତିଥି ଭାବେ ଜିଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ ଓ ଜିଲା ସମ୍ପାଦକ ଦିଲ୍ଲୁ କର, ଅବସରପ୍ରାପ୍ତ ଶିକ୍ଷକ ବୀରଭଦ୍ର ବେହେରା, କମିଟି ସମ୍ପାଦକ ହରମୋହନ ପଣ୍ଡା, ବରିଷ୍ଠ ବିଜେଡି କର୍ମୀ ବିକ୍ରମ ବିଶ୍ୱାଳ ଉପସ୍ଥିତ ରହିଥିଲେ। ଏଥିରେ କମିଟି ଦ୍ୱାରା ନିଲାମ ନିଆଯାଇଥିବା ପୋଖରୀରେ ନୌକା ବିହାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପୂର୍ବରୁ କମିଟିଙ୍କ ଦ୍ୱାରା ଏହି ପୋଖରୀକୁ ନିଲାମ ନିଆଯାଇ ମାଛଚାଷ କରାଯାଉଥିଲା କିନ୍ତୁ ଏବେ ତାକୁ ନୌକା ବିହାର କରାଯାଇ ଅର୍ଥ ଉପାର୍ଜନ କରାଯିବାକୁ ପ୍ରୟାସ କରାଯାଇଥିବାରୁ ଅତିଥିମାନେ ଏହାକୁ ସ୍ୱାଗତ କରିଥିଲେ । ଏହାଦ୍ୱାରା ଗ୍ରାମର ଏକତା ବୃଦ୍ଧି ପାଇବା ସହିତ ମନ୍ଦିର ପରିଚାଳନାରେ ଆର୍ଥିକ ସଙ୍କଟ ଦୂର ହେବ ବୋଲି କୁହାଯାଇଥିଲା। ମାନସ ରଞ୍ଜନ ମହାପାତ୍ର ଅତିଥି ପରିଚୟ ଓ ସଂଯୋଜନା କରିଥିଲେ। ଏହି ସମୟରେ ପୁରୁଷୋତ୍ତମ ରାଉତ, ଗୁଣାକାର ଜେନା, ନିରଞ୍ଜନ ରାଉତ, ଜଗନ୍ନାଥ ବେହେରା, ସନ୍ତୋଷ ଜେନା, ଦେବାଶିଷ ବେହେରା, ସରୋଜ ରାଉତ, ଅନିଲ ବେହେରା, ପ୍ରସନ୍ନ ବେହେରା, ବାବାଜୀ ବେହେରା, ଦଶରଥ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ । ପୋଲିସ ବିଭାଗ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରି ଗାଡିଗୁଡିକ ବଡ଼ଦାଣ୍ଡରେ ପାର୍କିଂ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ଉପଜିଲାପାଳଙ୍କ ଅଚାନକ ପରିଦର୍ଶନ



ଉପଜିଲାପାଳଙ୍କ ଚିକିତ୍ସାଳୟ ପରିଦର୍ଶନ।

**ଚମ୍ପୁଆ, ୧୧।୧୧(ଡି.ଏନ.ଏ.)**

ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ ସୋମବାର ଚମ୍ପୁଆ ଏନ୍‌ଏସି, ଉପଖଣ୍ଡ ଚିକିତ୍ସାଳୟ ଓ ସୂଚନା ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସୂଚନା ଅନୁସାରେ ସୋମବାର ପୂର୍ବାହ୍ନ ୧୧ଟାରେ ଉପଜିଲାପାଳ ପ୍ରୀତିମୟ ଚମ୍ପୁଆ ଏନ୍‌ଏସି କାର୍ଯ୍ୟାଳୟ ପରିଦର୍ଶନ କରି କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ଉପଖଣ୍ଡ ଚିକିତ୍ସାଳୟ ଯାଇ ରୋଗୀସେବା କେମିତି ଚାଲିଛି ତାହା ତଦାରଖ କରିଥିଲେ। ଏବଂ ଆଶୁ ଚିକିତ୍ସା କେନ୍ଦ୍ର, ମହିଳା ଶୈଲ୍ୟ କକ୍ଷ, ପୁଷ୍ଟି ସାଧନ କେନ୍ଦ୍ର, ସଂକ୍ରମିତ ୱାର୍ଡ, ଭେଷଜ ୱାର୍ଡ ଆଦି ବୁଲି ଦେଖିବା ସହିତ ଚିକିତ୍ସା ଅଧିକାରୀ କର୍ଣ୍ଣରାମ ମହାନ୍ତଙ୍କ ସହ ଉପୁଜିଥିବା ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ଉପଖଣ୍ଡ ଖବରଦାତା କାର୍ଯ୍ୟାଳୟ, ସୂଚନା ଲୋକ ସମ୍ପର୍କ ବିଭାଗ ଓ ସହକାରୀ ସମକାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜୟନ୍ତ କୁମାର ନାଏକ ଉପଜିଲାପାଳଙ୍କ ସହ ଉପସ୍ଥିତ ଥିଲେ।

# ଜନଶୁଣାଣି କାର୍ଯ୍ୟକ୍ରମ

**ଘସିପୁରା,୧୧।୧୧(ଡି.ଏନ.ଏ.)**

ଘସିପୁରା ବ୍ଲକରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୧୭ ଜଣଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା। ଏବିଡିଓ ବାଗମାତ ସୋରେନଙ୍କ ସଂଯୋଜନାରେ ଅତିରିକ୍ତ ଜିଲାପାଳ ଭକ୍ତ ଚରଣ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝି, ଅତିରିକ୍ତ ଏସପି ପ୍ରତାପ କୁମାର ପରିଡ଼ା, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସାଧାରଣ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ଓ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଉପରେ ସର୍ବାଧିକ ଅଭିଯୋଗ ଆସିଥିଲା।



ଜନଶୁଣାଣିରେ ଅଭିଯୋଗ ଗ୍ରହଣ କରାଯାଉଛି।





# ବଡ଼ଓଷା ପାଇଁ ମନ୍ଦିରରେ ଭିଡ଼

**ଯୋଡ଼ା, ୧୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ଶ୍ରୀଜଗନ୍ନାଥ ମନ୍ଦିର, ତ୍ରିନାଥ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ପଞ୍ଚୁକ ଓ ବଡ଼ଓଷା ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପୂର୍ବ ଯୋଡ଼ାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପଞ୍ଚୁକ ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଏକାଦଶୀ ତଥା ପଞ୍ଚୁକ ଉପଲକ୍ଷେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଚାଲିଛି। ଉକ୍ତ ଦିନ ଠାକୁର ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଇଥିଲେ। ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାକର ସୁନାବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଯୋଡ଼ା ଶାସ୍ତ୍ରୀ ନଗରସ୍ଥିତ ତ୍ରିନାଥ ମନ୍ଦିରରେ ବଡ଼ଓଷା ବହୁ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ମନ୍ଦିରରେ ହେଉଥିବା ଏହି ଓଷାର ବିଧିବିଧାନ ସମ୍ପର୍କରେ ମୁଖ୍ୟ ପୂଜକ ସନ୍ତୋଷ କୁମାର ଚଇନି ସୂଚନା ଦେଇ କହିଛନ୍ତି ଯେ, ସନ୍ଧ୍ୟା ୫ଟାରେ ମହାଦେବଙ୍କର ବଡ଼ଓଷାର, ବଡ଼ଭଣ୍ଡାର ତରଣ ଭୋଗ ପାକ ଲାଗିବା ପରେ ରାତି ୯ଟା ବେଳେ ଷୋଡ଼ଶ ଉପଚାର ପୂଜା , ଅଭିଷେକ, ଆଳତି ପରେ ରାତ୍ର ପ୍ରାୟ ୧୦ ଟା ବେଳେ ତରଣ ଭୋଗ ଲାଗି ହେବ । ତ୍ରିନାଥ ମନ୍ଦିର କମିଟି ସଭାପତି ଗୋପାଳ ଚନ୍ଦ୍ର ସାହୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାକୁରଙ୍କର ମହାସ୍ନାନ, ମଙ୍ଗଳଆଳତୀ, ଅଭିଷେକ ହେବା ପରେ ସାମୂହିକ ପ୍ରସାଦ ସେବନ ତଥା ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ଭଜନ ସମାରୋହର ଆୟୋଜନ କରାଯିବ । ସେହିପରି ପଶ୍ଚିମ ଯୋଡାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଁଳା ନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭାଗବତ ପାରାୟଣ ପାଠ ପଠନ କରାଯିବ। ପଞ୍ଚୁକଠାରୁ ଆକାଶଦ୍ୱୀପ ପ୍ରଜ୍ୱଳିତ କରାଯାଉଛି ଏବଂ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ମନ୍ଦିର କମିଟିର ସଭାପତି ମନୋରଞ୍ଜନ ଦାସ କହିଛନ୍ତି।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ଆନନ୍ଦପୁର,୧୧।୧୧(ସ୍ୱ.ପ୍ର.)**

ପାଠପଢା ବୟସରେ ଶାରୀରିକ ଅସୁସ୍ଥତା ପାଇଁ ଘରେ ବସିଛନ୍ତି ଯୁକ୍ତ୨ ଛାତ୍ର ରଞ୍ଜନ(୧୫)। ଗୋଡଟି ଅସ୍ୱାଭାବିକ ଭାବେ ଫୁଲିଯାଉଥିବାରୁ ସେ ଏକୁଟିଆ ଆଉ ଚଲାବୁଲା କରିପାରୁନାହାନ୍ତି। ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା କରିବା ସମ୍ଭବପର ହେଉ ନାହିଁ। ସେଥିଲାଗି ତାଙ୍କ ବାପା ଏବେ ବାରଦୁଆରେ ଗୁହାରି କରିବାକୁ ବାଧ ହେଉଛନ୍ତି। ଏଭଳି ଘଟଣା ଜଣାପଡ଼ିଛି ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବେଲଦା ଗ୍ରାମରେ। ଗ୍ରାମର ରମେଶ ଓଝା ଓ ମାଳତୀ ଓଝାଙ୍କ ୧୫ ବର୍ଷର ପୁଅ ରଞ୍ଜନ। ଜନ୍ମ ହେବାର ମାସେ ପରେ ରଞ୍ଜନର ଗୋଟିଏ ଗୋଡର ମାଂସ ବଢିବାକୁ ଲାଗିବାରୁ ସେ ଆବଶ୍ୟକ ଚିକିତ୍ସା କରାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ବୟସ ବଢିବା ସାଙ୍ଗକୁ ରୋଗ ମଧ୍ୟ ବଢ଼ିଥିଲା। ବହୁ ବଡ ବଡ ଡାକ୍ତରଖାନାରେ ବାପା ପୁଅର ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଥିଲେ ସୁଦ୍ଧା କିଛି ସୁଫଳ ମିଳିପାରୁନି। ଫଳରେ ତାଙ୍କ ବାପା ଚଳିତ ମାସ ୪ରେ ଆନନ୍ଦପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ଚିଠି ନଂ.୧୫୪/୪।୧୧।୧୯ରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଘଟଣା ଦିଗରେ ଅନୁଧ୍ୟାନ କରିବାକୁ କହିଥିଲେ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ସେଠୀ ରଞ୍ଜନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ପାଇଁ କଟକ ବଡ ମେଡିକାଲକୁ ରେଫର୍ କରିଥିବା ଜଣାପଡିଛି। ତେବେ କଟକ ମେଡିକାଲରେ ଚିକିତ୍ସା ହୋଇ ରଞ୍ଜନ ଭଲ ହେବା ସମ୍ଭବ ହେବ କି ନାହିଁ ସେନେଇ ଚିନ୍ତାରେ ବାପା ରମେଶ ଦିନ କାଟୁଛନ୍ତି। ପୁଅର ଚିକିତ୍ସା ପାଇଁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିସାରିବା ପରେ ଏବେ ନିଜକୁ ଅତ୍ୟନ୍ତ ଅସହାୟ ମନେ କରୁଛନ୍ତି ବାପା ରମେଶ। ଗୋଟିଏ ପଟେ ପାଠପଢୁଆ ପୁଅର ଚିକିତ୍ସା ଅନ୍ୟପଟେ ଅର୍ଥ ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରିପକାଇଛି। ସୂଚନାଯୋଗ୍ୟ, ରଞ୍ଜନ ଏବେ ସାଇଁକୁଳ ଠାରେ ଥିବା ପତିତପାବନ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର। ମାତ୍ର ୩ ମାସ କଲେଜ ଯିବା ପରେ ତାଙ୍କ ପକ୍ଷେ ଆଉ କଲେଜ ଯିବା ସମ୍ଭବ ହୋଇପାରୁନି। ଚାଷବାସ କରି ପରିବାର ଚଳାଉଥିବା ବାପା ଦୈନିକ ପୁଅକୁ କଲେଜ ନେବା ଆଣିବା ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି।